ପିଲାଙ୍କ ଧରିତ୍ରୀ
ଶନିବାର ,୨୨ ଏପ୍ରିଲ, ୨୦୨୩




୭ ଜଣା ଅଜଣା
୮ ଆଇନା
୬ କହିଲ ଦେଖି

# ସାବାସ୍ କୁନା



କୁନା ଓ ମୁନା ଦୁଇ ସାଙ୍ଗ। ଗୋଟିଏ ଗାଁରେ ଘର। ପଢ଼ନ୍ତି ଏକ ଶ୍ରେଣୀରେ। ଦିନକର କଥା, ସ୍କୁଲ ଯିବା ସମୟ। ଦୁହେଁ ଯାଉଥିଲେ ସାଇକେଲରେ ଆଗପଛ ହୋଇ। ସେଇ ରାସ୍ତାରେ ଯାଉଥିଲେ ଜଣେ ବୁଢ଼ାଲୋକ, ହଠାତ୍ ମୁନାର ସାଇକେଲ ଧକ୍କାରେ ତଳେ ପଡ଼ିଗଲେ ବୁଢ଼ାଲୋକ ଜଣକ। ମୁନା ନ ଅଟକି ଚାଲିଗଲା। କିନ୍ତୁ କୁନା ଏହା ଦେଖି ଅଟକି ଗଲା ସେଇଠି। ତଳୁ ଉଠାଇ ବସାଇଲା ବୁଢ଼ା ଲୋକଟିକୁ।

ନିଜ ପାଣି ବୋତଲରୁ ପାଣି ଦେଲା ପିଇବା ପାଇଁ। ଦେଖିଲା ଖଣ୍ଡିଆ ହୋଇ ରକ୍ତ ବାହାରୁଛି ଗୋଡ଼ରୁ। ନିଜ ରୁମାଲରେ ପୋଛିଦେଲା ରକ୍ତକୁ। ସେ ସ୍ଥାନକୁ ବାନ୍ଧିଦେଲା ରୁମାଲରେ।

ସଙ୍ଗେ ସଙ୍ଗେ ଲୋକଙ୍କ ସାହାଯ୍ୟରେ ନେଇଗଲା ଡାକ୍ତରଖାନାକୁ। ଚିକିତ୍ସା କରାଇଲା ଡାକ୍ତରଙ୍କୁ ସବୁ କଥା କହି। କିନ୍ତୁ ହସ ହସ ମୁହଁରେ ଭୟର ଛିଟା। ଏହାକୁ ପଢ଼ିପାରିଲେ ଡାକ୍ତର ବାବୁ। ପଚାରିଲେ, ‘‘କୁନା ଡର ମାଡୁଚି କି? ସ୍କୁଲ ସମୟ ଗଡ଼ିଗଲା ବୋଲି।’’ କୁନାର ମୁହଁରେ ନୀରବତାର ସହମତି। ଡାକ୍ତର ବାବୁ କୁନାର ପିଠିକୁ ଥାପୁଡାଇ କହିଲେ,‘‘ଏ ସବୁ ଭଲ କାମ। ଭୟ କରିବାର ନାହିଁ, ଏ ଭଳି କାମ କଲେ ଦିନେ ଭଲ ମଣିଷ ହେବ। ତୁମ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଫୋନ ନମ୍ବର ଅଛି ମୋ ପାଖରେ। କଥା ହୋଇଯିବି।’’

ସ୍କୁଲକୁ ଯାଅ । କୁନା ସ୍କୁଲରେ ପହଞ୍ଚିଲା ବେଳକୁ ପ୍ରାର୍ଥନା ସରି ଉପସ୍ଥାନ ପଡୁଥାଏ। କୁନା ଡେରିରେ ଆସୁଥିବା ଦେଖି ରାଗିଗଲେ ଶ୍ରେଣୀ ଶିକ୍ଷକ।

ଗପ

ତାଗିଦ କରି ପଚାରିଲେ ଡେରିର କାରଣ। କୁନା ଭୟରେ ଥରୁଥାଏ ଗୋଟାପଣେ। ଏହି ସମୟରେ ପ୍ରଧାନ ଶିକ୍ଷକ ଫୋନରେ କଥା ହୋଇ ହୋଇ ପହଞ୍ଚିଗଲେ କୁନା ପଢୁଥିବା ଶ୍ରେଣୀ ଗୃହରେ। କୁନାକୁ କୁଣ୍ଢାଇ ପକାଇଲେ। ସ୍ନେହରେ ମୁଣ୍ଡ ଓ ପିଠିକୁ ଆଉଁସି ଦେଲେ। ତାଙ୍କ ପାଟିରୁ ବାହାରି ପଡ଼ିଲା, ସାବାସ୍ କୁନା ! ସାବାସ୍ । କୁନା ଆମ ସ୍କୁଲର ଗର୍ବ। ଏହା ଦେଖି ନୀରବରେ ଅନାଇ ଥାନ୍ତି ସମସ୍ତେ। ପ୍ରଧାନ ଶିକ୍ଷକ କହିଲେ, ଘଟିଥିବା ସବୁ କଥା। ସମସ୍ତେ ପ୍ରଶଂସା କଲେ କୁନାକୁ। ଏହା ଦେଖି କାନ୍ଦି ପକାଇଲା ମୁନା। ନିଜର ଭୁଲ ବୁଝିପାରିଲା।

**– ଜଗନ୍ନାଥ ନାୟକ**
ସରିଫପୁର, ଭଦ୍ରକ
ମୋ:୯୯୩୭୯୨୨୬୨୫

## ଖିଲି ଖିଲି ହସ

ଥରେ ଟ୍ରେନ୍‌ରେ ଚିଣ୍ଟୁ ତା’ ମାମାଙ୍କ ସହ ଯାଉଥାଏ। ଏହି ସମୟରେ ଚିଣ୍ଟୁ ଜୋର୍‌ରେ ପାଟି କରିବାରୁ ମାମା କହିଲେ, ଚିଣ୍ଟୁ, ତୁ ଧୀରେ କଥା ହଉନୁ। ଏତେବଡ ପାଟି କାହିଁକି କରୁଛୁ ? ଚିଣ୍ଟୁ ଉତ୍ତର ଦେଲା, ଦେଖମାମା, ତୁମେ ଯଦି ମୋତେ ଆଉ ଅଧିକ କିଛି କହିବ ତେବେ ମୁଁ ଟିଟିଆଇ ଅଙ୍କଲ୍‌ଙ୍କୁ କହିଦେବି ଯେ, ମୋ ବୟସ ଚାରି ବର୍ଷ ନୁହେଁ ଛଅ ବର୍ଷ।

ରାମୁର ବାପା ତାକୁ ପଚାରିଲେ, ଆରେ ତୁ ଆଜି ମୋ ବ୍ରଶ୍‌ରେ ଦାନ୍ତ ଘଷିଛୁ କି ? ରାମୁ ପଚାରିଲା କାହିଁକି ? ତା’ ବାପା କହିଲେ, ମୋ ବ୍ରଶ୍ କାହିଁକି ଏପରି ଦୁର୍ଗନ୍ଧ ହେଉଛି ? ରାମୁ କହିଲା, ବାପା, ମୁଁ ତୁମ ବ୍ରଶରେ ମୋ କୁକୁର ଟମିର ଦାନ୍ତ ସଫା କରିଥିଲି।

ରାଜୁ– ଅସମ୍ଭବ ଶବ୍ଦ ମୋ ଡିକ୍ସନାରିରେ ନାହିଁ। ବିଜୁ: ଆରେ ପାଗଳ, ଡିକ୍ସନାରି କିଣିବା ସମୟରେ ଦେଖିଥାନ୍ତୁ ସେ ଶବ୍ଦଟା ଅଛି ନା ନାହିଁ, ଏବେ ଚିଲେଇଲେ କ’ଣ ହେବ ?



# ପିମ୍ପୁଡ଼ି

❖ ସାରା ପୃଥିବୀରେ ପ୍ରାୟ ୧୨ହଜାରରୁ ଅଧିକ ପ୍ରଜାତିର ପିମ୍ପୁଡ଼ି ବାସକରନ୍ତି।

❖ ଆଣ୍ଟାର୍କଟିକାକୁ ଛାଡ଼ି ଆଉ ସବୁ ମହାଦେଶରେ ପିମ୍ପୁଡି ଦେଖାଯାଆନ୍ତି।

❖ ପୃଥିବୀର ସବୁଠୁ ବଡ଼ ପିମ୍ପୁଡ଼ି ହେଉଛି ବୁଲେଟ୍ ପିମ୍ପୁଡ଼ି। ଏମାନେ ପାନାମା ଜଙ୍ଗଲରେ ଦେଖା ଯାଆନ୍ତି।

❖ ୨୦୦୦ ମସିହାରେ ଆର୍ଜେଣ୍ଟିନାରେ ସବୁଠାରୁ ବୃହତ୍ ପିମ୍ପୁଡ଼ି ବାସସ୍ଥାନ ଦେଖିବାକୁ ମିଳିଥିଲା। ଏହା ୩,୭୦୦ମାଇଲ୍ ବିଶିଷ୍ଟ।

❖ ପିମ୍ପୁଡ଼ିମାନେ କଲୋନୀ କରି ରହିଥାନ୍ତି। ବେଳେବେଳେ ଏମାନେ ଅନ୍ୟ କଲୋନୀରୁ ପିମ୍ପୁଡ଼ିମାନଙ୍କୁ ଚୋରି କରି ଆଣନ୍ତି ଓ ନିଜେ ବାସ କରୁଥିବା କଲୋନୀରେ କାମରେ ଲଗାଇଥାନ୍ତି।

❖ ବ୍ଲାକ୍ ଗାର୍ଡନ୍ ପିମ୍ପୁଡ଼ିମାନେ ପ୍ରାୟତଃ ୧୫ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ବଞ୍ଚିଥାନ୍ତି।

❖ ପିମ୍ପୁଡ଼ିମାନେ ବାସ କରୁଥିବା କଲୋନୀରୁ ଯଦି ରାଣୀ ପିମ୍ପୁଡ଼ି ମରିଯାଏ, ତେବେ ଅଳ୍ପ ମାସ ମଧ୍ୟରେ ସେହି କଲୋନୀର ଅନ୍ୟ ପିମ୍ପୁଡ଼ିମାନେ ମଧ୍ୟ ମରିଯାଆନ୍ତି।

❖ ପିମ୍ପୁଡ଼ି ଏତେ କ୍ଷୁଦ୍ର ହୋଇଥିଲେ ମଧ୍ୟ ଏମାନଙ୍କର ପ୍ରାୟ ୨ଲକ୍ଷ ୫୦ହଜାର ବ୍ରେନ୍ ସେଲ୍ ଥାଏ।

❖ ବୁଲ୍ ଡଗ୍ ପିମ୍ପୁଡ଼ି ଅଧିକ ମାରାତ୍ମକ ହୋଇଥାନ୍ତି। ଏମାନଙ୍କ କାମୁଡ଼ାରେ ମଣିଷ ମୃତ୍ୟୁମୁଖରେ ପଡୁଥିବାର ଦେଖାଯାଏ।



# ମତାମତ

▸▸ ପିଲାଙ୍କ ପାଇଁ ନିଦ ବିଷୟରୁ ସ୍ୱାସ୍ଥ୍ୟ ସଚେତନ ହୋଇପାରିଲୁ।

**–ଅଙ୍କିତା ସାହୁ, ଇନ୍ଦିପୁର, ଢେଙ୍କାନାଳ**

▸▸ ପ୍ରଥମ ପୃଷ୍ଠାରେ ଥିବା ଚିତ୍ର ମଧ୍ୟରେ କୁନି ମଡେଲ ଟିକେ ଅଧିକ ଆଧୁନିକ ଲାଗିଲା।

**– ମାନସ ବାରିକ, ଶ୍ୟାମରାୟପୁର, ଭଦ୍ରକ**


▸▸ ପୃଥିବୀର ସର୍ବବୃହତ ଓ କ୍ଷୁଦ୍ରତମ ଆଗ୍ନେୟଗିରି ସମ୍ପର୍କରେ ପଢି କିଛି ନୂଆ କଥା ଜାଣିପାରିଲୁ।

**–ପିଙ୍କି ମହାପାତ୍ର, କାକୁଡିଆ, ଜଟଣୀ**

▸▸ ଖରା ପାଇଁ କବିତାଗୁଡିକରେ ସ୍ୱତନ୍ତ୍ର ଢଙ୍ଗରେ ସଚେତନତା ବାର୍ତ୍ତା ଭଲ ଲାଗିଲା।

**–ଶୀତାଂଶୁ ବେହେରା, ମଙ୍ଗଳପୁର, ଯାଜପୁର**

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

"ସାଧାରଣତଃ ପିଲାମାନେ ମଜାଦାର କାହାଣୀ ଶୁଣିବାକୁ ପସନ୍ଦ କରନ୍ତି। ଆଉ ଏଥିରେ ଅନେକ ଶିକ୍ଷଣୀୟ ବିଷୟ ଲୁଚି ରହିଥାଏ, ଯାହା ସେମାନଙ୍କ ଭବିଷ୍ୟତକୁ ସୁନ୍ଦର କରି ଗଢ଼ି ତୋଳିବାରେ ସାହାଯ୍ୟ କରିଥାଏ..."



# କାହାଣୀ

ପିଲାମାନେ ଜେଜେମା' ଜେଜେବାପା, ମାତାପିତା ଓ ଅନ୍ୟ ଗୁରୁଜନଙ୍କଠାରୁ କାହାଣୀ ଶୁଣି ବଡ଼ ହୁଅନ୍ତି। ପିଲାବେଳ ସମୟ ବହୁତ ଭଲ। ପିଲାକୁ କାହାଣୀ ସହିତ ପୌରାଣିକ କଥାବସ୍ତୁ ଜାଣିବା ମଧ୍ୟ ଆବଶ୍ୟକ। ଯେମିତିକି ବୀରବଲଙ୍କ ବୁଦ୍ଧି, ପାଣ୍ଡବମାନଙ୍କର ଧାର୍ମିକ ଭାବନା ଓ ବିକ୍ରମ ବେତାଳ ଆଦି କାହାଣୀ। ଇଏ ସେଇ କାହାଣୀ, ଯାହାକୁ ଶୁଣିବା ଦ୍ୱାରା ପିଲାର ଜୀବନରେ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ମିଳିଥାଏ। କାହାଣୀ କହିବା ସମୟରେ ପିଲାକୁ ଭଲମନ୍ଦ ବିଷୟରେ ଜଣାଇବା ଆବଶ୍ୟକ। ଏବେ କାହାଣୀ ଶୁଣିବା ପିଲାଙ୍କ ପାଇଁ ଦୁର୍ଲଭ ହୋଇଗଲାଣି। ତେବେ ପିଲାଙ୍କୁ ଉତ୍ତମ ଶିକ୍ଷା ଦେବାରେ ଏହି କାହାଣୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ନୂଆ ଶବ୍ଦାବଳୀ ସହ ପରିଚୟ

ପିଲାମାନେ କାହାଣୀ ଶୁଣିବା ଦ୍ୱାରା କିଛି ଶବ୍ଦ ଉପରେ ତାଙ୍କର ଦକ୍ଷତା ଆସିଥାଏ। ଯଦି ପିଲାଙ୍କୁ କାହାଣୀ ଶୁଣିବାକୁ ପସନ୍ଦ ତେବେ କିଛି ସମୟ କାଢ଼ି ନିଶ୍ଚିତରୂପେ କାହାଣୀ ଶୁଣାନ୍ତୁ। ଏଥିରେ ଏଭଳି କିଛି ଶବ୍ଦ ରହିଥାଏ, ଯାହାର ଅର୍ଥ ପିଲା ଜାଣନ୍ତି ନାହିଁ କି ବୁଝନ୍ତି ନାହିଁ। ତେଣୁ ନୂଆ ନୂଆ ଶବ୍ଦ ଶିଖିବାର ମାଧ୍ୟମ ହୋଇଥାଏ କାହାଣୀ।

## ଶୁଣିବା କୌଶଳ


ଶୈଶବ ଅବସ୍ଥା ପିଲାର ଏକ ଏପରି ସମୟ, ଯେଉଁ ସମୟରେ ପିଲା ଅଧିକାଂଶ ଶବ୍ଦକୁ ସହଜରେ ଗ୍ରହଣ କରିଥାଆନ୍ତି। ଏଥିପାଇଁ ଛୋଟ ପିଲାଙ୍କୁ କାହାଣୀ ଶୁଣାଇବା ଏକ କୌଶଳକୁ ପ୍ରୋତ୍ସାହିତ କରିଥାଏ। କିନ୍ତୁ ଯେତେବେଳେ ତାଙ୍କୁ କାହାଣୀ ଶୁଣିବାର ଅଭ୍ୟାସ ପଡ଼େ ସେମାନେ ଭଲ ଶ୍ରୋତା ହୋଇଥାନ୍ତି।

## ମନରୁ କୁହନ୍ତୁ

ପିଲାଙ୍କୁ କାହାଣୀ ଶୁଣାଉଥିଲେ ମନରୁ କୁହନ୍ତୁ। କୌଣସି ମୋବାଇଲ୍ କିମ୍ବା ଲାପ୍‌ଟପ୍‌ର ଯଦି ଆପଣ ସାହାଯ୍ୟ ନେଉଛନ୍ତି ତେବେ ତାହା ଯେପରି ପିଲା ନଜରକୁ ନ ଆସେ। ପିଲା ଡିଜିଟାଲରୁ କାହାଣୀ ଶୁଣିବା ଦ୍ୱାରା ତା'ର ସେଭଳି ମାନସିକ ବିକାଶ ଘଟିବାର ସମ୍ଭାବନା କମ୍। ପିଲାଙ୍କୁ ଡିଜିଟାଲ କାହାଣୀ ଶୁଣାଇବା ଅଭ୍ୟାସ ନ କରାଇବା ଭଲ।

## ଶିଖିବାର ଭଲ ଅଭ୍ୟାସ

କାହାଣୀ ଯେତେଯେତେ ଆଗକୁ ବଢ଼ିଥାଏ, ପିଲା ପ୍ରଶ୍ନ ପଚାରିବା ଆରମ୍ଭ କରି ଦେଇଥାନ୍ତି। ଏହା ଏକ ଉତ୍ତମ ପ୍ରଣାଳୀ। କାହାଣୀ ଶୁଣାଉଥିବା ବ୍ୟକ୍ତି ପିଲାଙ୍କୁ ଜିଜ୍ଞାସୁ କରିବାରେ ସାହାଯ୍ୟ କରିଥାନ୍ତି। ଆଉ ସେମାନେ ପ୍ରଶ୍ନ ପଚାରୁଥିବା ସମୟରେ ପିଲାଙ୍କୁ ମଧ୍ୟ ପ୍ରୋତ୍ସାହିତ କରିବା ଆବଶ୍ୟକ। ପିଲାଙ୍କ ସ୍ମରଣଶକ୍ତି ଯେତେବେଳେ ବଢ଼େ ଯେତେବେଳେ ସେ କୌଣସି କାହାଣୀ ଶୁଣି ତାକୁ କାମରେ ଲଗାଇବା ଆରମ୍ଭ କରେ।



### କାହାଣୀ ମୋ ପାଇଁ ପ୍ରେରଣା ସାଜିଛି



ପିଲାଦିନୁ ଜେଜେ ବାପାଙ୍କ ଠାରୁ କାହାଣୀ ଶୁଣିଆସୁଛି। ମୁଁ ଶୁଣିଥିବା କାହାଣୀଗୁଡିକ ମୋ ପାଇଁ ପ୍ରେରଣା ସାଜିଛି। ମୋତେ ମହାପୁରୁଷ ମାନଙ୍କର ଜୀବନୀ ବିଷୟରେ ଜାଣିବାକୁ ବହୁତ ଆଗ୍ରହ,ଏହା ସହିତ ଓଡ଼ିଆ ସାହିତ୍ୟ ଏବଂ ରାଜାରାଜୁଡାଙ୍କ କାହାଣୀ ମଧ୍ୟ ଶୁଣିବାକୁ ଭଲ ଲାଗେ। ପୌରାଣିକ କଥାବସ୍ତୁରେ ମୋତେ ମହାଭାରତ ଓ ରାମାୟଣ କାହାଣୀ ମୋତେ ମୋ ମାମା କୁହନ୍ତି। ଏସବୁ କାହାଣୀ ଶୁଣିବା ଦ୍ୱାରା ଆମ ଜୀବନ ସରସ ସୁନ୍ଦର ହୋଇପାରିବ। ଏଥିରେ କେତେକ ଶିକ୍ଷଣୀୟ କଥାବସ୍ତୁ ରହିଛି ଯାହା ଜାଣିବା ନିହାତି ଜରୁରୀ। ଉତ୍କଳମଣି ଗୋପବନ୍ଧୁ ଦାଶ ଯେପରି ନିଜ ସନ୍ତାନକୁ ରୋଗ ଶଯ୍ୟାରେ ଛାଡି ଅନ୍ୟର ସେବା ଯତ୍ନ କଲେ ସେ କାହାଣୀ ମୋତେ ବେଶୀ ପ୍ରେରଣା ଦିଏ। ବଡ଼ହେଲେ ତାଙ୍କ ଭଳି ଦେଶ ଓ ଜାତିର କିପରି ସେବା କରିବି ତାହା ମୋ' ମନରେ ରହିଛି।

**-ଓମ୍ ଶ୍ରୀ ରଣବୀର ସିଂ,** କ୍ଲାସ-୧୦, କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩,ଭୁବନେଶ୍ୱର

### ଭଲ ଶ୍ରୋତା ହେବା ଲାଗି ବାଟ ଦେଖାଇଛି ଗପ



କାହାଣୀରେ ଅନେକ ଶିକ୍ଷଣୀୟ କଥା ଲୁଚି ରହିଛି। ବିଶେଷଭାବରେ ପାଠ ପଢ଼ା ବ୍ୟତୀତ ଆଉ ଏକ କଥାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତାହା ହେଲା କାହାଣୀ ଶୁଣିବା। ଏପରିକି ପ୍ରାୟ ପ୍ରତିଦିନ ମୁଁ କିଛି କିଛି କାହାଣୀ ଶୁଣିଥାଏ। ରାତିରେ ଶୋଇବା ସମୟରେ ମାମା ମୋତେ କାହାଣୀ ଶୁଣାଇଥାନ୍ତି। କାହାଣୀରେ ଅନେକ ଭଲ ପ୍ରସଙ୍ଗ ରହିଛ, ତାହାକୁ ଗ୍ରହଣ କରି ନିଜ ଜୀବନରେ କିଭଳି କରିପାରିବା ସେ ନେଇ ଗୁରୁତ୍ୱ ଦେବା ଆବଶ୍ୟକ। ତା'ସହ କାହାଣୀ ଶୁଣିବାକୁ କେବଳ ବସିଗଲେ ହେବ ନାହିଁ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହାକୁ ଧୈର୍ଯ୍ୟର ସହ ଶୁଣିବା ଦରକାର। ତେବେ ଯାଇ ସେଥିରୁ କିଛି ଶିଖିହେବ। କାହାଣୀ ଶୁଣିବା ଦ୍ୱାରା ମୁଁ ଜଣେ ଭଲ ଶ୍ରୋତା ହୋଇପାରିଛି। ଏହି ଅଭ୍ୟାସ ମୋର ପାଠପଢ଼ାରେ ସାହାଯ୍ୟ କରୁଛି। କାରଣ ଏହା ପାଠକୁ ମନେ ରଖିବାରେ ମୋର ଏକ ମାଧ୍ୟମ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

**-ସୁବ୍ରତ ସରମାଦି,** କ୍ଲାସ-୯, କନକଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର

୧

**ଅନନ୍ୟା ରୁପାଲୀ ତ୍ରିପାଠୀ**
କ୍ଲାସ-୮, ସରକାରୀ ଉଚ୍ଚ
ମାଧ୍ୟମିକ ବିଦ୍ୟାଳୟ,
ଗୋବିନ୍ଦପାଲ୍ଲୀ,
ମାଲକାନଗିରି

**ପ୍ରତୀକ ଅଦାବର**
କ୍ଲାସ- ୨,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ବୀରମହାରାଜପୁର,
ସୁବର୍ଣ୍ଣପୁର

୨

୩

**ଲିପୁରାଜ କରାଡ**
କ୍ଲାସ-୬,
ସରକାରୀ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ରାମଗିରି, ଗଜପତି

**ଜିଜ୍ଞାସା ପ୍ରହରାଜ**
କ୍ଲାସ- ୩, ବ୍ଲେସ୍‌ଡ
ସେକ୍ରାମେଣ୍ଟ
ହାଇସ୍କୁଲ,
ପୁରୀ

୪

୫

**ଅପର୍ଣ୍ଣା ଦେବଦତ୍ତ**
କ୍ଲାସ-୫,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ସିଡିଏ, କଟକ

**ଆର୍ୟ୍ୟନ ପ୍ରଧାନ**
କ୍ଲାସ-୭, ଡିଏଭି
ପବ୍ଲିକ ସ୍କୁଲ,
ଶୈଳଶ୍ରୀବିହାର,
ଭୁବନେଶ୍ୱର


୬


୭

**ଶ୍ରୀଜିତା ମିଶ୍ର**
କ୍ଲାସ-୯,
ସେଣ୍ଟ ଜାଭିୟର୍ସ
ହାଇସ୍କୁଲ,
ଖଣ୍ଡଗିରି, ଭୁବନେଶ୍ୱର

**ଅଭିଲିପ୍ସା ରାଉତ**
କ୍ଲାସ- ୯,
ରଘୁନାଥ ଉଚ୍ଚ
ବିଦ୍ୟାଳୟ,
ଦାମୋଦରପୁର, ଯାଜପୁର


୮


୧


୨


୩


୪


୫


୬


୭


୮



## ଅକ୍ଷୟ ତୃତୀୟା

ଚଇତ ଅନ୍ତ ବୈଶାଖ ଆଗତ
ସହି ହେଉନାହିଁ ଖରା,
ସବୁଜ ଭୂଇଁ ହେଉନି ଚାହିଁ
ଦିଶୁନି ଆଉ ତୋରା ।
ପଞ୍ଜିକା ଦେଖି ରହିଛି ଚାହିଁ
ଚାଷୀ ଭାଇଟି ପରା,
ଅକ୍ଷି ତୃତୀୟା ତିଥି ବଡ଼ିଆ
ମରତେ ଆସେ ହସି ।
ମରତ କୋଳ ଚଳ ଚଞ୍ଚଳ
ସେଇଟି ଶୁଭ ବେଳ,
ସେଇ ତିଥିରେ ଚାଷ ଭୂଇଁରେ
ବିହନ ଅନୁକୂଳ ।
ଗାମୁଛା ମୋଡି ଅଣ୍ଟାରେ ଭିଡି
ଧରି ଧାନ ଗଉଣି
ଚାଷୀ ଭାଇର ଖୁସି ଅପାର
ବିହନ ଦିଏ ବୁଣି ।

– ବସନ୍ତ କୁମାର ଦାସ
ରମ୍ଭା, ବରି, ଯାଜପୁର
ମୋ : ୯୪୩୭୫୯୭୮୯୬

କ
ବି
ତା



## ଆସିଲା ଖରା

ଆସିଲା ଖରା ତାତିଲା ଧରା ଶୁଖିଲା ନଦୀ ଜଳ
ସୂରୁଜ ଉଇଁ ମୁରୁକି ହସେ ଦେଖାଇ ତାର ବଳ ।
ମିଳୁନି ଛାଇ ଚିକିଏ କାହିଁ ସୁଖୁନି ଦେହ ଝାଳ
ଯୁଆଡ଼େ ଦେଖ ସେଆଡେ ଖାଲି ଅଙ୍ଗାଳି ମାଳ ମାଳ ।
ଗଛକୁ କାଟି ମଣିଷ ଆଜି ହେଉଛି ହନ୍ତ ସନ୍ତ
ତଥାପି ହେଲେ ମାନୁନି ଜମା ଗଛହିଁ ଆମ ମିତ ।
ଖରାର ତେଜ ଏତେତେ ଦେଖ କରିଛି ମାଟି ଆଁ
ନିଦାଘ କରେ ରାଜୁତି ଏଠି ସହର ଅବା ଗାଁ ।
ଅମୃତ ଲାଗେ ମୁନ୍ଦାଏ ପାଣି ପାଇଲେ ଆମ୍ଭ ଶାନ୍ତି
ସେଇଲାଗି ଜଳ କରିବା ଦାନ ଯାହାର ଯେତେ ଶକ୍ତି ।
ଖରାର ତେଜ ବାଧିବ ନାହିଁ ଖାଅ ପଖାଳ ଭାତ
ଜଳୀୟ ଅଂଶ କମିଲେ ଏକା ହେବଟି ଅଂଶୁଘାତ ।
ଖରାରେ ମଥା ବୁଲେଇ ଦିଏ ହୁଏଟି ବୁଦ୍ଧି ବଣା
ମୁଣ୍ଡବି ଥଣ୍ଡା ପେଟବି ଥଣ୍ଡା ପିଇଲେ ବେଲ ପଣା ।
ଖରା ଦିନକୁ କରନି ଘୃଣା ଚିକିଏ ଯାଅ ସହ
ବରଷା ଆଣି ବିଦାୟ ନିଏ ପ୍ରାଣୀଙ୍କ ହିତ ପାଇଁ ।

– ଦିଲିପ୍ କୁମାର ତ୍ରିପାଠୀ
ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ, ଢେଙ୍କାନାଳ
ମୋ:୯୭୭୮୧୦୬୧୦୫

## ଏଥରର



- ଭାରତୀୟ ସମ୍ବିଧାନର ଜନକ କିଏ ?
- ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ?
- ଖରାଦିନେ ଜମ୍ମୁ ଓ କଶ୍ମୀରର ରାଜଧାନୀର ନାମ ?
- କେଉଁ ବିଶିଷ୍ଟ ବ୍ୟକ୍ତିଙ୍କୁ ଲୋକନାୟକ ଆଖ୍ୟା ଦିଆଯାଇଛି ?
- ଭାରତର ବୃହତ୍ତମ ନଦୀର ନାଁ ?

ଉ ତ୍ତ ର

## ଗତଥରର

- ଢେଙ୍କାନାଳ
- କୋରାପୁଟ
- ବଲାଙ୍ଗୀର
- ଗଜପତି
- କଳାହାଣ୍ଡି



## ଗଛଟିଏ ମୋତେ କର

ଗଛଟିଏ ମୋତେ କରିଦିଅ ପ୍ରଭୁ
ପର ଉପକାର କରିବି,
ନିଜେ କଷ୍ଟ ସହି ଜୀବଜଗତରେ
ପରାଣେ ଆନନ୍ଦ ଭରିବି ।।
ସୁମଧୁର ଫଳ, ସୁଗନ୍ଧିତ ପୁଷ୍ପ
ସୁକୋମଳ ପତ୍ର ଦାନରେ,
ଅକୁଣ୍ଠ ଚିତ୍ତରେ ବିତରଣ କରି
ହରିବି ସବୁରି ମନରେ ।।
ଛିଡ଼ା ହୋଇଥିବି ଧରଣୀ ବକ୍ଷରେ
ଖରା ବର୍ଷା ଶୀତ ସହିରେ,
କେତେ ଜୀବଜନ୍ତୁ, ବିହଙ୍ଗ,ବାଟୋଇ
ଆଶ୍ରୟ ନେବେ ମୋ ଛାଇରେ ।।
ବାୟୁମଣ୍ଡଳକୁ ପ୍ରଦୂଷଣ ମୁକ୍ତ
କରିବା ପାଇଁକି ଲଢ଼ିବି,
ଦୂଷିତ ବାୟୁକୁ ନିଜେ ଟାଣି ନେଇ
ବିଶୁଦ୍ଧ ବାୟୁକୁ ଛାଡ଼ିବି ।।
ସବୁଜିମା ଭରା ହୋଇପାରେ ଧରା
ହସିଉଠୁ ଏଇ ମରତ,
ଗଛଟିଏ ହୋଇ ସେବା କରୁଥାଏ
ଏହା ମୋ ଜୀବନ ବରତ ।।

– ମାଧବୀଲତା ଦେଈ
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୬୭

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସର୍ବକନିଷ୍ଠ ଆରଜେ ଅମାତୁଲ୍ଲା

କଥାରେ ଅଛି, କିଛି କରି ଦେଖାଇବାକୁ ହେଲେ ବୟସକୁ କେବଳ ସଂଖ୍ୟା ଭାବରେ ହିଁ ଗଣାଯାଏ । ତେବେ ତାହାକୁ ବାସ୍ତବରେ ପ୍ରମାଣିତ କରି ଦେଖାଇଛନ୍ତି ୪ବର୍ଷିୟ ଅମାତୁଲ୍ଲା । ପାକିସ୍ଥାନର ଝିଅ ଅମାତୁଲ୍ଲା ହମିଦ୍ ବିଶ୍ୱର ସର୍ବକନିଷ୍ଠ ବ୍ରୋଡକାଷ୍ଟ ରେଡିଓ ପ୍ରେଜେଣ୍ଟର ବା ଆର୍.ଜେ ଭାବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। 'ଦ ଅମାତୁଲ୍ଲା ଶୋ'ରେ ସେ ଉପସ୍ଥାପିକା ଭାବେ କାର୍ଯ୍ୟ କରୁଛନ୍ତି। ଅମାତୁଲ୍ଲା କୁହନ୍ତି, ସେ ୨ବର୍ଷ ବୟସରୁ 'ହାସାନ ହମିଦ୍‌ଙ୍କ ଶୋ' ଦେଖିବାକୁ ଯାଆନ୍ତି। ଥରେ ସେ ମୋତେ ତାଙ୍କ ଶୋରେ ଅତିଥି ଭାବେ ନିମନ୍ତ୍ରଣ କରିଥିଲେ ଏବଂ ତାହା ମୋର ପ୍ରଥମ ଅନ୍ ଏୟାର୍ ଶୋ ଥିଲା। ପରେ ମୁଁ ମୋର ନିଜର ଶୋ ହୋଷ୍ଟ କରିବା ଆରମ୍ଭ କଲି। ଅମାତୁଲ୍ଲା ଶ୍ରୋତାଙ୍କ ସହ କଥା ହେବା ସହ ନିଜେ କମ୍ପ୍ୟୁଟର ସଫ୍ଟୱେୟାର ସମ୍ଭାଳିବା, ଟ୍ରାକ୍ ଏବଂ କନସୋଲକୁ ଏକାକୀ ହିଁ ପରିଚାଳନା କରିଥାନ୍ତି। ସେ ତାଙ୍କ ଶୋରେ ବିଜ୍ଞାନ, ସାମାଜିକ ଶିକ୍ଷା, କାହାଣୀ ଓ କବିତା କହିଥାନ୍ତି। ଏଥିସହ ବହୁ ଅତିଥିଙ୍କୁ ମଧ୍ୟ ତାଙ୍କ ଶୋକୁ ନିମନ୍ତ୍ରଣ କରନ୍ତି। ଶ୍ରୋତାଙ୍କ ସହ କଥା ହୋଇ ସେମାନଙ୍କୁ ମନୋରଞ୍ଜନ କରିବା ସହ ତାଙ୍କ ପସନ୍ଦର ଗୀତ ଶୁଣେଇଥାନ୍ତି।



## କହିଲ ଦେଖି

ଅତି ଜଣାଶୁଣା ଶ୍ରେଷ୍ଠ ଋତୁ ଇଏ
କେତେ ଦୁଃଖ,ସୁଖ ଶାନ୍ତି ଆଣି ଦିଏ
ଥଣ୍ଡା ପଖାଳ ରେ ଖୁସି,
ନାନା ଜାତି ନୂଆ ଫଳ ପାଚିଥାଏ
ବାସ ଫୁଲ ଦେଖି ମନ ନାଚିଥାଏ
ଏ ପ୍ରଥମ ଋତୁ ଆସି ।

ଉ: ଗ୍ରୀଷ୍ମ ଋତୁ




ଥଣ୍ଡା ପାଇଁ ଏଇ ଯନ୍ତ୍ର ଲୋଡା ହୁଏ
ଆଧୁନିକ ଯୁଗ ଆବିଷ୍କାର ଇଏ
ଫ୍ୟାନ୍,ଫ୍ରିଜ୍ ଠୁହିଁ ଥଣ୍ଡା ଦେଇ ଥାଏ
ଦାମୀ ଲୋକଙ୍କର ସାଥୀ,
ଅଧିକ ଗ୍ରୀଷ୍ମରେ ଆବଶ୍ୟକ ହୁଏ
ସୁସ୍ଥ ରଖିଥାଏ ମତି
ଆରାମରେ ଟିକେ ରୁହ
କେଉଁ ଯନ୍ତ୍ର ଦେଖି କୁହ ।

ଉ: ଶୀତ ତାପ ନିୟନ୍ତ୍ରକ(ଏ.ସି)



ଉପର ସବୁଜ ଭିତର ନାଲି
ଜଣାଶୁଣା ସ୍ୱାଦ ଫଳଟେ ବୋଲି
କେବେ ଲମ୍ୱା କେବେ ଗୋଲ୍,
ଫ୍ରିଜ୍‌ରେ ରଖି ଖାଇବା ବଢ଼ିଆ
କାଟି କାଟି ତାକୁ ଖୋଲ୍
କେଉଁ ଫଳ ନାମ ବୋଲ୍ ।

ଉ: ତରଭୁଜ



ପାଚି ଗଲେ ଖାଇ ହେବ
ରାମ୍ଭି,ପଣା କରି,
ପେଟ ଥଣ୍ଡା କରିହୁଏ
ବହୁଦିନ ଧରି,
ବଡ଼ ଔଷଧୀୟ ଫଳ
ଗୁଡ଼, ଦହି,ବୁନ୍ଦି ସାଥେ
କେଉଁ ପଣା ଭଲ,
ଆସିଗଲେ ଖରାକାଳ ।

ଉ: ବେଲ(ବିଲ୍ୱ ଫଳ)



– କବିଜ୍ୟୋତି ନିରଞ୍ଜନ ପତି
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

## ଜଣା ଅଜଣା

### ଏଲ୍‌ପିଜି ଗ୍ୟାସ୍‌ରୁ କାହିଁକି ଦୁର୍ଗନ୍ଧ ଆସେ

ରୋଷେଇ ପାଇଁ ସାଧାରଣତଃ ଏଲ୍‌ପିଜି(ଲିକ୍ୟୁଫାଏଡ୍ ପେଟ୍ରୋଲିୟମ ଗ୍ୟାସ୍)କୁ ବ୍ୟବହାର କରାଯାଇଥାଏ। ଏହାକୁ ସିଲିଣ୍ଡରରେ ଭର୍ତ୍ତି କରାଯାଇଥାଏ। ଗ୍ୟାସ୍ ଚୁଲା ସହ ସଂଯୋଗ କରାଯାଇଥିବା ରେଗୁଲେଟରଯୁକ୍ତ ପାଇପ୍‌କୁ ଏହି ଗ୍ୟାସ୍‌ପୂର୍ଣ୍ଣ ଟାଙ୍କିରେ ସଂଯୋଗ କରାଯାଏ। ଯେତେବେଳେ ଉକ୍ତ ଗ୍ୟାସ୍ ଲିକ୍ ହୁଏ ସେତେବେଳେ ସେଥିରୁ ଏକ ଦୁର୍ଗନ୍ଧ ବାହାରେ। ଯାହାଦ୍ୱାରା ଆମେ ଗ୍ୟାସ୍ ଲିକ୍ ହେଲା ବୋଲି ଜାଣି ସତର୍କ ହୋଇ ଆସନ୍ନ ଦୁର୍ଘଟଣାକୁ ଏଡ଼ାଇ ଦେଇଥାଉ। ଏଲ୍‌ପିଜି ଗ୍ୟାସ୍ ଲିକ୍ ହେବାମାତ୍ରେ ତାହା ଦ୍ରୁତଗତିରେ ଚାରିଆଡ଼କୁ ଖେଳାଇ ହୋଇଯାଏ। ଯଦି ପାଖରେ କେଉଁଠି ନିଆଁ ଜଳୁଥାଏ ତେବେ ତାହା ଏହି ଗ୍ୟାସ୍ ସଂସ୍ପର୍ଶରେ ଆସିବା ମାତ୍ରେ ଭୟଙ୍କର ପରିସ୍ଥିତି ସୃଷ୍ଟିକରେ। ତେଣୁ ଏଭଳି ଗ୍ୟାସ୍ ଲିକ୍ ହେବାମାତ୍ରେ ଆଖପାଖରେ ନିଆଁ ଜାଳିବାକୁ ମନା କରାଯାଇଥାଏ। ଏଲ୍‌ପିଜିରେ ମିଶିଥିବା ଇଥାଇଲ୍ ମରକ୍ୟାପ୍‌ଟେନ୍‌ରୁ ହିଁ ଏଭଳି ଗ୍ୟାସ୍ ଲିକ୍ ବିଷୟରେ ସୂଚନା ମିଳିଥାଏ। ଫଳରେ ପ୍ରାରମ୍ଭରୁ ସତର୍କତା ଅବଲମ୍ବନ କରିବାରେ ଏହା ସହାୟକ ହୋଇଥାଏ।





### ଟ୍ରକ୍ ପଛରେ କାହିଁକି ଲାଗିଥାଏ ଚେନ୍

ଜିନିଷପତ୍ର ପରିବହନରେ ଟ୍ରକ୍ ହିଁ ଅଧିକ ବ୍ୟବହୃତ ହୋଇଥାଏ। ତେବେ ପେଟ୍ରୋଲ, ଡିଜେଲ, କିରୋସିନ୍ ଆଦି ତୈଳ କିମ୍ବା ଗ୍ୟାସ୍ ପରିବହନ କରୁଥିବା ଟ୍ରକ୍ ପଛରେ ଏକ ଲୁହାଚେନ୍ ଲାଗିଥାଏ। ପୁଣି ଏହି ଚେନ୍ ପ୍ରାୟ ରାସ୍ତାକୁ ଛୁଇଁଲା ଭଳି ଦେଖାଯାଏ। ତେବେ ଏହି ଚେନ୍ କେବଳ ଟ୍ରକ୍ ପଛରେ ଲାଗେ କାହିଁକି? ଏଭଳି ପ୍ରଶ୍ନର ଉତ୍ତର ଜାଣିବାକୁ ଅନେକଙ୍କ ମନରେ ଉତ୍ସୁକତା ବଢ଼ିଯିବଣି। ଏଭଳି ଟ୍ରକ୍‌ଗୁଡ଼ିକ ପଛରେ ଥିବା ଗୋଲାକାର ଟ୍ୟାଙ୍କରେ ଜ୍ୱଳନଶୀଳ ଇନ୍ଧନ ରହିଥାଏ। ତେବେ ଏହି ଟ୍ରକ୍ କୌଣସି ଇଲେକ୍ଟ୍ରିକ୍ ତାର କିମ୍ବା ବିଜୁଳି ସଂସ୍ପର୍ଶରେ ଆସିବା ଦ୍ୱାରା ନିଆଁ ଲାଗିଯିବାର ଆଶଙ୍କା ଅଧିକ ଥାଏ। ତେଣୁ ଏଭଳି ଟ୍ରକ୍‌ରେ ଅଗ୍ନି ନିରାପତ୍ତା ପାଇଁ ପଛରେ ଏକ ଚେନ୍ ଲାଗିଥାଏ; ଯାହାକି ଟ୍ରକ୍ ପାଇଁ ଆର୍ଥିଙ୍ଗ ଭଳି କାମ କରିଥାଏ। ଅର୍ଥାତ, ଏଭଳି ଯାନ କରେଣ୍ଟ ସଂସ୍ପର୍ଶରେ ଆସିବା ଦ୍ୱାରା ଏଥିରୁ ନିର୍ଗତ ଚାର୍ଜ ଚେନ୍ ମାଧ୍ୟମରେ ମାଟି ଭିତରକୁ ଚାଲିଯାଇଥାଏ। ଫଳରେ ବିସ୍ଫୋରଣର ଆଶଙ୍କାକୁ ଏଡ଼ାଇ ଦିଆଯାଇଥାଏ ଏବଂ ଟ୍ରକ୍‌ଟି କେତେକାଂଶରେ ସୁରକ୍ଷିତ ରହିଥାଏ।

### ଟଏଲେଟ୍ ପ୍ୟାନ୍ ରଙ୍ଗ ଧଳା କାହିଁକି

ସାଧାରଣତଃ ବେସିନ୍ କିମ୍ବା ଟଏଲେଟ୍ ପ୍ୟାନ୍ ରଙ୍ଗ ପ୍ରାୟ ଧଳା। ଅନେକଙ୍କ ମନରେ ପ୍ରଶ୍ନ ଉଠୁଥିବ, ଏଗୁଡ଼ିକର ରଙ୍ଗ ଧଳା କାହିଁକି? ଏହାର ମୁଖ୍ୟ କାରଣ ହେଲା, ଏଗୁଡ଼ିକ ଅପରିଷ୍କାର ହେବା ମାତ୍ରେ ସହଜରେ ଆଖିକୁ ଦେଖାଯାଏ। ଫଳରେ ଏହାକୁ ଶୀଘ୍ର ସଫା କରାଯାଇଥାଏ। ବେସିନ୍ କିମ୍ବା ଟଏଲେଟ୍ ପ୍ୟାନ୍ ଯେଉଁ ମ୍ୟାଟେରିଆଲ୍‌ରେ ପ୍ରସ୍ତୁତ ତାହାକୁ ସେରାମିକ୍ ବା ପୋର୍ସିଲନ୍ କୁହନ୍ତି, ଯାହାର ରଙ୍ଗ କେବଳ ଧଳା। ଏବେ କେତେକ କମ୍ପାନୀ ଟଏଲେଟ୍ ପ୍ୟାନ୍‌କୁ ଭିନ୍ନ ଭିନ୍ନ ରଙ୍ଗରେ ତିଆରି କରୁଛନ୍ତି। ହେଲେ ଏସବୁର ଚାହିଦା ପ୍ରାୟ କମ୍। କେବଳ ଧଳା ରଙ୍ଗବିଶିଷ୍ଟ ପ୍ୟାନ୍‌କୁ ଲୋକ ଅଧିକ ପସନ୍ଦ କରିଥାଆନ୍ତି। ଏହାର ଆଉ ଏକ ବିଶେଷତ୍ୱ ରହିଛି। ଏହି ପ୍ୟାନ୍ ସମ୍ପୂର୍ଣ୍ଣ ବିଦ୍ୟୁତ୍ କୁପରିବାହୀ। ଏସବୁ କେବଳ ଚିନାମାଟିରେ ପ୍ରସ୍ତୁତ ।



# କୁହୁକ ଦର୍ପଣ



ମୁନା ସେଦିନ ବାପାଙ୍କ ସାଙ୍ଗରେ ବିଜ୍ଞାନ କେନ୍ଦ୍ର ବୁଲିଯାଇଥିଲା।ସେ ବୁଲୁବୁଲୁ ଗୋଟିଏ ପ୍ରଦର୍ଶନୀ ପାଖରେ ହଠାତ୍ ଅଟକିଗଲା । ପ୍ରଦର୍ଶନୀର ନାମ ଥିଲା 'କୁହୁକ ଦର୍ପଣ ।' ପ୍ରଦର୍ଶନୀର କେନ୍ଦ୍ରଭାଗରେ ଏକ ଟେବୁଲ ଉପରେ ଗୋଟିଏ ଫଳ ଥିବା ଥାଳି ରଖାଯାଇଥାଏ । ଥାଳିକୁ ଲାଗି ତଳୁ ମୁଣ୍ଡ ଗଳେଇ ଛିଡା ହେବା ପାଇଁ ଟେବୁଲ ପୃଷ୍ଠରେ ଏକ ଛିଦ୍ର ଥାଏ । ଏତିକିବେଳେ ଜଣେ ଝିଅ ପ୍ରକଳ୍ପ ନିକଟକୁ ଯାଇ ଛିଦ୍ରରେ ନିଜର ମୁଣ୍ଡ ଗଳେଇ ଉପରେ ଥିବା ଫଳ ଥାଳି ଉପରେ ମୁଣ୍ଡ ରଖିଲା । ଦେଖାଗଲା ଯେ, ଝିଅଟିର ଶରୀର ଯେପରି ଅଦୃଶ୍ୟ ହୋଇଯାଇଛି! ଆଉ ଯେପରି ଏକ ଗଣ୍ଡି ବିହୀନ ମୁଣ୍ଡ ଫଳଥାଳିରୁ ଫଳ ଖାଉଛି । ଏହା ଦେଖି ମୁନା ଆଶ୍ଚର୍ଯ୍ୟ ହୋଇଗଲା । ସେ ବାପାଙ୍କୁ ପଚାରିଲା, 'ବାପା, ଏହା କିପରି ହେଲା? ଝିଅଟିର ଶରୀର ଅଦୃଶ୍ୟ ହୋଇଗଲା କିପରି? ସତରେ ସେ କ'ଣ ଶରୀରବିହୀନ ହୋଇଗଲା?'

ବାପା ହସି ହସି କହିଲେ, 'ନାହିଁରେ ବୋକା, ଏହା ପ୍ରକୃତରେ ଏକ ଦୃଷ୍ଟି ବିଭ୍ରମ। ଦୁଇଟି ସମତଳ ଦର୍ପଣ ବ୍ୟବହାର କରାଯାଇ ଏଭଳି ଦୃଷ୍ଟି ବିଭ୍ରମତା ସୃଷ୍ଟି କରାଯାଇଛି ।

> "ସମତଳ ଦର୍ପଣରେ ଆଲୋକ ରଶ୍ମିର ପ୍ରତିଫଳନର ଏକ ନିୟମ ଅନୁସାରେ, ଦର୍ପଣ ସମ୍ମୁଖରେ ଗୋଟିଏ ବସ୍ତୁ ଯେତେ ଦୂରରେ ରହିଥାଏ, ଦର୍ପଣ ମଧ୍ୟରେ ଠିକ୍ ସେତିକି ଦୂରତାରେ ବସ୍ତୁର ପ୍ରତିବିମ୍ବ ସୃଷ୍ଟି ହୁଏ। ପୁଣି ଦର୍ପଣରେ ସୃଷ୍ଟ ପ୍ରତିବିମ୍ବ ସିଧା, ଆଭାସୀ ଓ ବସ୍ତୁର ଆକାର ସଙ୍ଗେ ସମାନ ହୋଇଥାଏ।"

ସମତଳ ଦର୍ପଣରେ ଆଲୋକ ରଶ୍ମିର ପ୍ରତିଫଳନର ଏକ ନିୟମ ଅନୁସାରେ, ଦର୍ପଣ ସମ୍ମୁଖରେ ଗୋଟିଏ ବସ୍ତୁ ଯେତେ ଦୂରରେ ରହିଥାଏ ଦର୍ପଣ ମଧ୍ୟରେ ଠିକ୍ ସେତିକି ଦୂରତାରେ ବସ୍ତୁର ପ୍ରତିବିମ୍ବ ସୃଷ୍ଟି ହୁଏ। ପୁଣି ଦର୍ପଣରେ ସୃଷ୍ଟ ପ୍ରତିବିମ୍ବ ସିଧା, ଆଭାସୀ ଓ ବସ୍ତୁର ଆକାର ସଙ୍ଗେ ସମାନ ହୋଇଥାଏ ।' ବାପା କହି ଚାଲିଲେ, 'ପ୍ରକୃତରେ ଟେବୁଲର ଦର୍ଶକଙ୍କ ସମ୍ମୁଖରେ ଥିବା ଦୁଇ ପାର୍ଶ୍ୱକୁ ତିର୍ଯ୍ୟକ ଅବସ୍ଥାରେ ଥିବା ଦୁଇଟି ସମତଳ ଦର୍ପଣ ଦ୍ୱାରା ଢାଙ୍କି ରଖାଯାଇଛି । ସୁତରାଂ ଜଣେ ପିଲା ଏହି ଦର୍ପଣ ପଛରେ ଛିଡାହେଲେ ତା'ର ଶରୀର ଆମକୁ ଦେଖାଯାଏ ନାହିଁ । ବରଂ ଦର୍ପଣ ଉପରେ ଥିବା କେବଳ ତା'ର ମୁଣ୍ଡଟି ଆମକୁ ଦେଖାଯାଏ । ପୁଣି, ଟେବୁଲର ତିନି ପାର୍ଶ୍ୱକୁ ଏକ ସୁନ୍ଦର ପର୍ଦ୍ଦା ଦ୍ୱାରା ଢାଙ୍କି ରଖାଯାଇଛି। ତେଣୁ ଜଣେ ଦର୍ଶକକୁ ଟେବୁଲର ଦୁଇ ପାର୍ଶ୍ୱରେ ଲାଗିଥିବା ଦର୍ପଣରେ ପାର୍ଶ୍ୱ ପର୍ଦ୍ଦାର ପ୍ରତିବିମ୍ବ ଦେଖାଯାଏ, ଯାହା ପଛରେ ଥିବା ପ୍ରକୃତ ପର୍ଦ୍ଦା ସହିତ ମିଶି ଯାଉଥିବାରୁ ଦର୍ଶକ ପ୍ରକୃତ ପର୍ଦ୍ଦା ଓ ଏହାର ପ୍ରତିବିମ୍ବ ମଧ୍ୟରେ ଫରକ ଜାଣିପାରେନାହିଁ। ଟେବୁଲର ପଛପଟେ ମଧ୍ୟ ସମାନ ଡିଜାଇନ୍‌ର ପର୍ଦ୍ଦା ଲାଗିଥିବାରୁ ଏହି ବିଭ୍ରମତା ଅଧିକ ସ୍ୱଷ୍ଟ ହୋଇଥାଏ ଏବଂ ଦର୍ଶକ ଅଧିକ ବଣା ହୋଇଯାଏ । ସୁତରାଂ ଜଣେ ଦର୍ଶକ ଝିଅଟିର ମୁଣ୍ଡ ତଳକୁ ଥିବା ଦର୍ପଣ ଦେଖି ନ ପାରି ସେଠାରେ କେବଳ ଏକ ଶୂନ୍ୟସ୍ଥାନ ଦେଖିଥାଏ। ଆଉ ଏହିପରି ଭାବରେ ତା'ର କେବଳ ଶୂନ୍ୟରେ ଝୁଲୁଥିବା ମୁଣ୍ଡ ଦେଖାଯାଏ ।' ବାପାଙ୍କ ଉତ୍ତରରେ ମୁନା ଏଥର କୁହୁକ ଦର୍ପଣ ପଛରେ ଥିବା ଅସଲ ବୈଜ୍ଞାନିକ କାରଣ ବୁଝି ପାରିଥିଲା । ତେଣୁ ଘରକୁ ଫେରିଲା ବେଳକୁ ତା' ମନ ଭାରି ଖୁସି ଥିଲା ସେଦିନ।

–ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମୋ : ୮୯୧୭୬୩୭୯୭୪

# ଆଇନା



ଆୟାଂଶୀ ଆରାଲିନ୍
୬ବର୍ଷ, ଭୁବନେଶ୍ୱର



ସୋନମ୍ ପାତ୍ର
୧୧ବର୍ଷ, କଳାହାଣ୍ଡି